# NATIONAL NEWS BULLETIN (ODIA)

## 2 May - 2025

## Morning Bulletin : 7.15 a.m.

**********************************************

## ମୁଖ୍ୟ ସମ୍ବାଦ

- ଦେଶର ପ୍ରଥମ ଅର୍ଦ୍ଧ ସ୍ୱୟଂଚାଳିତ ଭିଜିଙ୍ଗ୍ ଜାମ୍ ଆନ୍ତର୍ଜାତିକ ଗଭୀର ଜଳ ବହୁବିଧ ବନ୍ଦରକୁ ଆଜି ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ।
- ପ୍ରଧାନମନ୍ତ୍ରୀ ଆଜି ଆନ୍ଧ୍ରପ୍ରଦେଶରେ ୫୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କରିବେ ଲୋକାର୍ପଣ ଓ ଶିଳାନ୍ୟାସ
- ପହଲଗାମ ସନ୍ତ୍ରାସବାଦୀ ଆକ୍ରମଣ ଘଟଣାରେ ସଂପୃକ୍ତ କୌଣସି ବ୍ୟକ୍ତିବିଶେଷ ବା ସଂଗଠନକୁ ଛଡ଼ାଯିବ ନାହିଁ, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ଗତମାସରେ ରେକର୍ଡ ପରିମାଣର ଜିଏସଟି ଆଦାୟ ଭାରତର ଅର୍ଥବ୍ୟବସ୍ଥାର ସ୍ଥାୟିତ୍ୱ ପ୍ରତିଫଳିତ କରୁଛି, କହିଲେ ଅର୍ଥମନ୍ତ୍ରୀ

ଏବଂ

- ଆଇପିଏଲ୍‌ରେ ଗତକାଲି ରାଜସ୍ଥାନ ରୟାଲ୍‌ସକୁ ୧୦୦ ରନ୍‌ରେ ପରାସ୍ତ କଲା ମୁମ୍ବାଇ ଇଣ୍ଡିଆନ୍ସ

# ପିଏମ୍-କେରଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶର ପ୍ରଥମ ଅର୍ଦ୍ଧ ସ୍ୱୟଂଚାଳିତ ବନ୍ଦର ଭିଜିଙ୍ଗ୍ ଜାମ୍ ଆନ୍ତର୍ଜାତିକ ଗଭୀର ଜଳ ବହୁବିଧ ବନ୍ଦରକୁ ଲୋକାର୍ପଣ କରିବେ । ଏହା କାର୍ଯ୍ୟକ୍ଷମ ହେବା ପରେ ଭାରତୀୟ ବନ୍ଦର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ପରିଗଣିତ ହେବ। ଏହାଛଡ଼ା କେରଳକୁ ବିଶ୍ୱ ସାମୁଦ୍ରିକ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ମିଳିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆଜି ପୂର୍ବାହ୍ନରେ ଏହି ଲୋକାର୍ପଣ ସମାରୋହ ଅବସରରେ ବନ୍ଦରର ନିୟନ୍ତ୍ରଣ ପ୍ରକ୍ରିୟା ସମୀକ୍ଷା କରିବା ସହ ପରିଚାଳନା ଶୌଧ ପରିଦର୍ଶନ କରିବେ । ସରକାରୀ-ଘରୋଇ ଭାଗିଦାରୀ ମଡେଲରେ ବିକଶିତ ହୋଇଥିବା ଏହି ବନ୍ଦରର ପ୍ରଥମ ପର୍ଯ୍ୟାୟର ମୁଖ୍ୟ ଅଂଶ ୨୦୨୪ ଡିସେମ୍ବରରେ ସଂପନ୍ନ ହୋଇଥିଲା । ପ୍ରାୟ ୩ ଦଶନ୍ଧିର ଅପେକ୍ଷା ପରେ କେରଳର ବହୁପ୍ରତୀକ୍ଷିତ ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେବାକୁ ଯାଉଛି । **V/O**

ଏହି ସମାରୋହରେ କେରଳ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର, ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍, କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲଙ୍କ ସମେତ ବହୁ ମନ୍ତ୍ରୀ ଓ ଅଧିକାରୀ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି ।

## ପିଏମ୍-ଆନ୍ଧ୍ରପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶର ଅମରାବତୀଠାରେ ୫୮ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିବିଧ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ଏ ସଂପର୍କରେ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ଦେଶବ୍ୟାପୀ ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ସଂଯୋଗୀକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଆଜି ପ୍ରଧାନମନ୍ତ୍ରୀ ଆନ୍ଧ୍ରପ୍ରଦେଶରେ ୭ଟି ଜାତୀୟ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଅନ୍ୟ ୬ଟି ଜାତୀୟ ରାଜପଥ ଏବଂ ଗୋଟିଏ ରେଳ ପ୍ରକଳ୍ପ ଲାଗି ଶିଳାନ୍ୟାସ କରିବେ ।

ଏତଦ୍‌ବ୍ୟତୀତ ଶ୍ରୀ ମୋଦୀ ଆନ୍ଧ୍ରପ୍ରଦେଶର ନୂତନ ରାଜଧାନୀ ଅମରାବତୀ ଠାରେ ବିଧାନସଭା, ଉଚ୍ଚ ନ୍ୟାୟାଳୟ, ସଚିବାଳୟ ସମେତ ଅନ୍ୟାନ୍ୟ ପ୍ରଶାସନିକ ସୌଧର ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିବେ । ଏଥିଲାଗି ୧୧ ହଜାର ୨୪୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିଭଳି ଏହି ଅବସରରେ ପ୍ରଧାନମନ୍ତ୍ରୀ ଭର୍ଚୁଆଲ୍ ମୋଡ୍‌ରେ ନାଗାୟାଲଙ୍କାଠାରେ ଏକ କ୍ଷେପଣାସ୍ତ୍ର ପରୀକ୍ଷଣ ରେଞ୍ଜ୍ ଏବଂ ବିଶାଖାପଟନମ୍‌ଠାରେ ପିଏମ୍ ଏକତାମଲ୍ ପ୍ରତିଷ୍ଠା ଲାଗି ଶିଳାନ୍ୟାସ କରିବେ ।

## ପିଏମ୍-ଓ୍ୱେଭସ

ମନୋରଂଜନ ଏବଂ ଗଣମାଧ୍ୟମ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତର ପକ୍ଷକୁ ଆଲୋକପାତ କରିବା ଲାଗି ୱେଭ୍ସ ଏକ ପ୍ରମୁଖ ପ୍ଲାଟଫର୍ମ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ସଂସ୍କୃତି ଏବଂ ନବସୃଜନତାକୁ ଏହି ସମ୍ମିଳନୀରେ ଖୁବ୍ ସୁନ୍ଦର ଭାବେ ସମ୍ମିଳିତ କରାଯିବା ସହ ଭାରତର ନବସୃଜନ ଅର୍ଥବ୍ୟବସ୍ଥା ଏବଂ ୧୪୦ କୋଟି ଭାରତୀୟଙ୍କର ଦକ୍ଷତା ଏଥିରେ ପ୍ରତିଫଳିତ ହେଉଛି । ୱେଭ୍ସରେ ଭାରତ ପ୍ୟାଭିଲିୟନ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଏହା ଭାରତର ଚଳଚ୍ଚିତ୍ର ପରମ୍ପରାର ମହତ୍ୱ ବହନ କରୁଛି । ଏହାଛଡ଼ା ଏ କ୍ଷେତ୍ରରେ ସମ୍ଭାବ୍ୟ ସୁଯୋଗକୁ ଦେଶ ଅପେକ୍ଷା କରି ରହିଛି । ନବସୃଜନ ସୁଯୋଗକୁ ଅଧିକ ଋଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ ସମଗ୍ର ବିଶ୍ୱ ଭାରତ ସହ ହାତ ମିଳାଇବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

## ଶାହା-ଗୁଜରାଟ ମହାରାଷ୍ଟ୍ର

ଦେଶର ଅର୍ଥନୀତିକ ବିକାଶ ଦିଗରେ ମହାରାଷ୍ଟ୍ର ଏବଂ ଗୁଜରାଟର ଉଲ୍ଲେଖନୀୟ ଭୂମିକା ରହିଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମତବ୍ୟକ୍ତ କରିଛନ୍ତି । ଗତକାଲି ଗୁଜରାଟ ଏବଂ ମହାରାଷ୍ଟ୍ରର ପ୍ରତିଷ୍ଠା ଦିବସ ଅବସରରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ଏହି ଦେଶର ସାମଗ୍ରିକ ବିକାଶ ତଥା ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି ଦିଗରେ ଦୁଇରାଜ୍ୟର ଜନସାଧାରଣଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ମହାତ୍ମା

ଗାନ୍ଧୀ, ବୀର ସଭରକର, ଡକ୍ଟର ବି.ଆର୍. ଆମ୍ବେଦକର, ଜ୍ୟୋତିବା ଫୁଲେଙ୍କ ସମେତ ଏହି ଦୁଇ ରାଜ୍ୟର ଅନେକ ମହାନ୍ ବ୍ୟକ୍ତିତ୍ୱ ଦେଶର କଲ୍ୟାଣ ଲାଗି ନିଜର ଜୀବନ ଉତ୍ସର୍ଗ କରିଯାଇଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି । ଏହି ସମାରୋହରେ କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ, ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସକ୍ସେନା, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ଗୁଜରାଟ, ମହାରାଷ୍ଟ୍ର ଓ ଦିଲ୍ଲୀ ସରକାରଙ୍କ ଅନେକ ମନ୍ତ୍ରୀ ଯୋଗ ଦେଇଥିଲେ ।

## ଶାହା–ବୋଡଫା ଷ୍ଟାଚ୍ୟୁ

ପହଲଗାମ ସନ୍ତ୍ରାସବାଦୀ ଆକ୍ରମଣ ଘଟଣାରେ ସଂପୃକ୍ତ କୌଣସି ବ୍ୟକ୍ତିବିଶେଷ ବା ସଂଗଠନକୁ ଛଡ଼ାଯିବ ନାହିଁ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ବୋଡୋ ନେତା ବୋଡ଼ଫା ଉପେନ୍ଦ୍ରନାଥ ବ୍ରହ୍ମାଙ୍କର ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ଏକ ସଡ଼କପଥକୁ ତାଙ୍କ ନାମରେ ଲୋକାର୍ପଣ କରିବା ପରେ ଶ୍ରୀ ଶାହା ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ଏହା କହିଛନ୍ତି । ଦେଶର ପ୍ରତ୍ୟେକ ଇଞ୍ଚ ଜମିରୁ ସନ୍ତ୍ରାସବାଦକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇ ଶ୍ରୀ ଶାହା କହିଛନ୍ତି, ସନ୍ତ୍ରାସବାଦ ବିପକ୍ଷ ଲଢ଼େଇ ଜାରି ରହିବ ଏବଂ ଏହି ଆକ୍ରମଣରେ ସଂପୃକ୍ତ ବ୍ୟକ୍ତିବିଶେଷ ଓ ସଂଗଠନକୁ ଉପଯୁକ୍ତ ଜବାବ ଦିଆଯିବ । କେବଳ ୧୪୦ କୋଟି ଭାରତୀୟ ନୁହନ୍ତି, ବରଂ ସମଗ୍ର ବିଶ୍ୱ ଏହି ଲଢ଼େଇରେ ଭାରତ

ସହିତ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି । ୧୯୯୦ ମସିହାରୁ କାଶ୍ମୀରରେ ସନ୍ତ୍ରାସବାଦକୁ ପ୍ରୋତ୍ସାହନ ଦେଉଥିବା ସଂଗଠନ ବିପକ୍ଷରେ ସରକାର ଦୃଢ଼ ଭାବେ ଲଢ଼େଇ କରିବା ସହିତ ଶୂନ୍ୟ ସହନଶୀଳତା ନୀତିକୁ ଅବଲମ୍ବନ କରିଆସୁଛନ୍ତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ।

**V/O**

ଶ୍ରୀ ଶାହା କହିଛନ୍ତି, ବୋଡଫାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବା ଦ୍ୱାରା ଏହା କେବଳ ବୋଡୋ ସଂପ୍ରଦାୟର ନୁହେଁ, ବରଂ ଅନ୍ୟାନ୍ୟ ବର୍ଗଙ୍କ ପ୍ରତି ସମ୍ମାନ ବୃଦ୍ଧି ପାଇଛି । ଏହି ପ୍ରତିମୂର୍ତ୍ତି ମାଧ୍ୟମରେ କେବଳ ବୋଡୋ ସଂପ୍ରଦାୟ ନୁହେଁ, ଅନ୍ୟାନ୍ୟ ସଂପ୍ରଦାୟର ଭାଷା, ସଂସ୍କୃତି ଓ ବିକାଶକୁ ସୁରକ୍ଷିତ ରଖିବା ଦିଗରେ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ପ୍ରତିଫଳିତ ହୋଇଛି ।

ଆସାମ ବୋଡୋଲ୍ୟାଣ୍ଡର ଜନସାଧାରଣଙ୍କୁ ଗ୍ରହଣ କରିଥିବା ବେଳେ ବୋଡୋଲ୍ୟାଣ୍ଡ ମଧ୍ୟ ଆସାମକୁ ଗ୍ରହଣ କରିପାରିଛି । ୯ମାସର ବିସ୍ତୃତ ଆଲୋଚନା ପରେ ୨୦୨୦ ମସିହାରେ ବୋଡୋ ରାଜିନାମା ସ୍ୱାକ୍ଷରିତ ହେବା ସହ ଅନେକ ଲୋକ ଅସ୍ତ୍ର ତ୍ୟାଗ କରି ଆଜି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ।

# ସୀତାରମଣ-ଜିଏସଟି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଏପ୍ରିଲ୍ ମାସରେ ରେକର୍ଡ ପରିମାଣର ବସ୍ତୁ ଓ ସେବାକର-ଜିଏସଟି ଆଦାୟ ଦ୍ୱାରା ଭାରତର ଅର୍ଥବ୍ୟବସ୍ଥାର ସ୍ଥାୟିତ୍ୱ ପ୍ରତିଫଳିତ ହେଉଛି । ଏପ୍ରିଲ୍ ମାସରେ ୨ ଦଶମିକ ୩/୬ ଲକ୍ଷ କୋଟି ଟଙ୍କା

ଗ୍ରସ୍ ଜିଏସଟି ଆଦାୟ କରାଯାଇଛି, ଯାହାକି ଗତବର୍ଷର ଏହି ସମୟ ତୁଳନାରେ ଏହା ୧୨ ଦଶମିକ ୬ ପ୍ରତିଶତ ଅଧିକ । ସେହିଭଳି ଏହି ସମୟ ସୁଦ୍ଧା ନେଟ୍ ଜିଏସଟି ପରିମାଣ ୨ ଦଶମିକ ୦/୯ ଲକ୍ଷ କୋଟି ଟଙ୍କା ହୋଇଥିବା ବେଳେ ଗତବର୍ଷ ତୁଳନାରେ ଏହା ୯ ଦଶମିକ ୧ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି । ଏଥିଲାଗି ଅର୍ଥମନ୍ତ୍ରୀ ଏକ ସାମାଜିକ ଗଣମାଧ୍ୟମରେ କରଦାତାଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି । ଦେଶ ବିକାଶ ତଥା ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ସେମାନଙ୍କର ଏହି ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

## ଜୟଶଙ୍କର-ଇଣ୍ଡୋନେସିଆ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଗତକାଲି ସନ୍ଧ୍ୟାରେ ମୁମ୍ବାଇଠାରେ ଚାଲିଥିବା ୱେଭ୍ସ ୨୦୨୫ ଅବସରରେ ଇଣ୍ଡୋନେସିଆର ସଂସ୍କୃତି ମନ୍ତ୍ରୀ ଫାଡ୍ଲି ଜନ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟକରି ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ-ଇଣ୍ଡୋନେସିଆ ଭାଗିଦାରୀରେ ନବସୃଜନ ଶିଳ୍ପ ଏବଂ ସାଂସ୍କୃତିକ ଆଦାନ ପ୍ରଦାନ ଏକ ମୁଖ୍ୟ ଆଧାର ଭାବେ ଉଭା ହୋଇଛି । ଏହାଛଡ଼ା ପହଲଗାମ ସନ୍ତ୍ରାସବାଦ ଆକ୍ରମଣରେ ଭାରତକୁ ଇଣ୍ଡୋନେସିଆର ସମର୍ଥନକୁ ଡକ୍ଟର ଜୟଶଙ୍କର ପ୍ରଶଂସା କରିଛନ୍ତି ।

# କାଠମାଣ୍ଡୁ-ସ୍କୁଲ୍

କାଠମାଣ୍ଡୁରେ ୨୮ ଦିନ ଧରି ଚାଲିଥିବା ଶିକ୍ଷକ ଆନ୍ଦୋଳନ ସମାପ୍ତ ହେବା ପରେ ଆଜିଠାରୁ ସମସ୍ତ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେବ । ନେପାଳ ସରକାର ଶିକ୍ଷକମାନଙ୍କର ବିଭିନ୍ନ ଦାବି ପୂରଣ କରିବା ସହ ସେମାନଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିବା ପରେ ଏହି ଆନ୍ଦୋଳନ ହଟିଛି ।

# ଆଇପିଏଲ୍

ଆଇପିଏଲ୍‌ରେ ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ’ ରାଜସ୍ଥାନ ରୟାଲ୍‌ସକୁ ୧୦୦ ରନ୍‌ରେ ପରାସ୍ତ କରିଛି । ଜୟପୁର ସୱାଇ ମାନସିଂ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ୍ ହରାଇ ୨୧୭ ରନ୍ କରିଥିଲା । ଦଳ ପକ୍ଷରୁ ରିଆନ୍ ରିକେଲ୍‌ଟନ୍ ସର୍ବାଧିକ ୬୧ ରନ୍ କରିଥିଲେ । ରାଜସ୍ଥାନ ରୟାଲ୍‌ସ ପକ୍ଷରୁ ମହିଶ୍ ଥିଖାନା ଏବଂ ରିୟାନ୍ ପରାଗ୍ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ୨୧୮ ରନ୍ ବିଜୟ ଲକ୍ଷ୍ୟର ପିଛା କରି ରାଜସ୍ଥାନ ରୟାଲ୍‌ସ ୧୬ ଓଭର୍ ଗୋଟିଏ ବଲ୍‌ରେ ମାତ୍ର ୧୧୭ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲେ । ଦଳ ପକ୍ଷରୁ ଜୋଫ୍ରା ଆର୍ଚର ସର୍ବାଧିକ ୩୦ ରନ୍ କରିଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଟ୍ରେଣ୍ଟ ବୋଲ୍‌ଟ ଏବଂ କେ. ଶର୍ମା

୩ଟି ଲେଖାଏଁ ଓ୍ୱିକେଟ୍ ନେଇଥିଲେ । ରିଆନ୍ ରିକେଲ୍‌ଟନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଆଇପିଏଲ୍‌ରେ ଆଜି ଗୁଜରାଟ ଟାଇଟନ୍‌ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ ।